**ଗ୍ରାମୀଣ କୃଷି ମୌସୁମୀ ସେବା**

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୍ୈଷୟିକ ଫିଶ୍ୱଫିଦୟା□ୟ

ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 03-02-2026**

**ଜଗତସିଂହପୁର(ଓଡିଶା) - :2026-02-03 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-02-04 | 2026-02-05 | 2026-02-06 | 2026-02-07 | 2026-02-08 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 29.0 | 30.0 | 30.0 | 31.0 | 31.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 17.0 | 17.0 | 18.0 | 16.0 | 16.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 72 | 79 | 86 | 92 | 94 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 28 | 30 | 31 | 34 | 30 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 9 | 9 | 8 | 6 | 8 |
| ପବନର ଦିଗ (ଡିଗ୍ରୀ) | 340 | 346 | 334 | 300 | 295 |
| ମେଘାଚ୍ଛନ (ଅକ୍ଟା) | 3 | 1 | 0 | 3 | 0 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ପରିଷ୍କାର ରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୦୬ – ୦୯ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୨୯ - ୩୧ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୬ - ୧୮ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

| |
|---|
| କୌଣସି ଚେତାବନୀ ନାହିଁ । |

### ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂସ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| ନାହିଁ |

### ସାଧାରଣ ଉପଦେଶ:

| |
|---|
| □ ବର୍ତମାନ ଶୁଖିଲା ପାଗ ରହୁଥିବାରୁ ଚାଷୀ ଭାଇ ମାନେ ଆବଶ୍ୟକ ଥିଲେ ଫସଲରେ ଜଳ ସେଚନର ବ୍ୟବସ୍ଥା କରନ୍ତୁ । □ ଯେଉଁ ଜମି ରେ ଜିଙ୍କ ର ଅଭାବ ଦେଖା ଦେଉଛି , ଜିଙ୍କ ସଲଫେଟ(୨୧%) କୁ ୧୦ କେଲୋଗ୍ରାମ/ଏକର ହିସାବରେ ପ୍ରୟୋଗ କରନ୍ତୁ। □ କାଣ୍ଡ ବିନ୍ଧା ପୋକ ଓ ପତ୍ରପୋଡା ପୋକ ନିରୀକ୍ଷଣ ପାଇଁ ଏକର ପ୍ରତି ୩ ଟି ଲିଙ୍ଗ ଆକର୍ଷକ ଯନ୍ତା ରଖନ୍ତୁ । □ ମାଟି ର ଆର୍ଦ୍ରତା କୁ ଧ୍ୟାନ ରେ ରଖି ରବି ଫସଲ କୁ ୭ ରୁ ୮ ଦିନ ବ୍ୟବଧାନ ରେ ୧୦ ରୁ ୧୫ ଟି ଜଳସେଚନ କରନ୍ତୁ । □ ପନିପରିବା ଫସଲରେ ଅଙ୍ଗୀୟ ଅବସ୍ଥା ସମୟରେ ଧଳାମାଛି, ଜଉ ପୋକ ଓ ପତ୍ର ଡିଆଁ ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ଓ ଉକୁଣିଆ ପୋକ ପାଇଁ ନୀଳ ରଙ୍ଗର ଯନ୍ତା ବ୍ୟବହାର କରନ୍ତୁ । □ ଆଖୁ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ବିହନ ଲଗାଇବାର 3 ଦିନ ମଧରେ ଏକର ପ୍ରତି ୮୦୦-ଗ୍ରାମ Atrazine ନାମକ ଘାସମରା ଔଷଧ କିମ୍ବା ୪୦୦-୫୦୦ ଗ୍ରାମ Metribuzin ନାମକ ଘାସମରା ଔଷଧ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| □ ବର୍ତମାନ ଶୁଖିଲା ପାଗ ରହୁଥିବାରୁ ଚାଷୀ ଭାଇ ମାନେ ଆବଶ୍ୟକ ଥିଲେ ଫସଲରେ ଜଳ ସେଚନର ବ୍ୟବସ୍ଥା କରନ୍ତୁ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | □ ଯେଉଁ ଚାଷୀ ଭାଇ ଓ ଭଉଣୀମାନେ ରୁଆ ଧାନରେ ପ୍ରାକ ତୃଣକମାରି ପ୍ରୟୋଗ କରିନାହାନ୍ତି ତେବେ ମିଶ୍ରିତ ଘାସ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୧୦୦ମିଲି Bispyribac Sodium କିମ୍ବା ୪୦ଗ୍ରାମ Ethoxysulfuron କିମ୍ବା ୮ ଗ୍ରାମ Metsulfuron methyl ଏବଂ Chlorimuron ethyl ମିଳିତ ଘାସମରା ଔଷଧ , ୨୦୦ ଲିଟର ପାଣିରେ ମିଶାଇ ଘାସ ୩ ରୁ ୪ ପତ୍ର ଥିବା ଅବସ୍ଥାରେ ସିଂଚନ କରନ୍ତୁ । |
| ମୁଗ | □ ଜଉ ପୋକ ମୁଗ ଓ ବିରି ଫସଲରେ ବର୍ତମାନ ସମୟ ରେ ଜଉ ପୋକ ଲାଗିବାର ସମ୍ଭାବନା ରହିଛି। ମୁଗ ଓ ବିରି ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ଜଉ ପୋକ ର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam କିମ୍ବା ୫୦ ଗ୍ରାମ Acetamiprid କିମ୍ବା ୬୦ ମିଲି Imidachlopricd ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। |
| ବାଦାମ | □ ଟୀକା: ଚିନାବାଦାମ ଫସଲରେ ଟୀକା ରୋଗର ଲକ୍ଷଣ ଦେଖା ଦେଲେ ପରିଚାଳନା ପାଇଁ ୪୦୦ଗ୍ରାମ କ୍ଲୋରୋଥାଲୋନିଲ ୭୫% ଡବ୍ଲ୍ୟୁ.ପି କିମ୍ବା ୩୦୦ ମି.ଲି ହେକ୍ସାକୋନାଜଲ ୫% ଇ.ସି କିମ୍ବା ୬୦୦ ଗ୍ରାମ ମାଙ୍କୋଜେବ ୭୫% ଡବ୍ଲ୍ୟୁ.ପି ଆଦି ଫିମ୍ପିନାଶକ କୁ ଏକର ପ୍ରତି ୨୦୦ ଲିଟରପାଣିରେ ମିଶାଇ ସିଂଚନ କରନ୍ତୁ । |

### ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଆଳୁ | □ କଟା ପୋକ ପରିଚାଳନା ଆଳୁ ଫସଲ ରେ କଟା ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ପୋକ ଗୁଡିକ ରାତ୍ରଚର ହୋଇଥିବାରୁ କୀଟନାଶକ କୁ ସନ୍ଧ୍ୟା ସମୟ ରେ ସିଂଚନ କରନ୍ତୁ । ଏକର ପ୍ରତି ୧୦ କିଲୋଗ୍ରାମ chlorpyriphos ଗୁଣ୍ଡ କୁ ହୁଡା ଉପରେ ପ୍ରୟୋଗ କରନ୍ତୁ। |
| ଙ୍ଗଗରିନାୃଠ | □ ଅଷ୍ଟପଦୀ ପୋକ ଲଙ୍କାମରିଚ ଫସଲରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି Ethion ନାମକ କୀଟନାଶକ କିମ୍ବା ୨୦୦ ମିଲି Spiromesifen ନାମକ କୀଟନାଶକ କିମ୍ବା ୬୦୦ ମିଲି Propargite ନାମକ କୀଟନାଶକ, ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଲଙ୍କା | □ ଅଷ୍ଟପଦୀ ପୋକ ଲଙ୍କାମରିଚ ଫସଲରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି Ethion ନାମକ କୀଟନାଶକ କିମ୍ବା ୨୦୦ ମିଲି Spiromesifen ନାମକ କୀଟନାଶକ କିମ୍ବା ୬୦୦ ମିଲି Propargite ନାମକ କୀଟନାଶକ, ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ବନ୍ଧାକୋବି | □ ଅଲ୍ଟରନେରିଆ ପତ୍ରଦାଗ ରୋଗ ବର୍ତମାନ ସମୟରେ ପାଗ ଯୋଗୁଁ କୋବି ଜାତୀୟ ଫସଲ ରେ ଅଲ୍ଟରନେରିଆ ପତ୍ରଦାଗ ରୋଗ ଦେଖା ଦେବାର ସମ୍ଭାବନା ରହିଛି । ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦-ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୪୦୦-ଗ୍ରାମ carbendazim ଓ Mancozeb ର ମିଳିତ ଫିମ୍ପିନାଶକ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ପିଆଜ | □ ବାଦାମି ବ୍ଲଚ ଏବଂ ପତ୍ର ପୋଡା ରୋଗ ପିଆଜ ଫସଲ ରେ ବାଦାମି ବ୍ଲଚ ଏବଂ ପତ୍ର ପୋଡା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Difenoconazole ନାମକ ଫିମ୍ପିନାଶକ କିମ୍ବା ୧୦୦ ମିଲି Tebuconazole ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତର ରେ ସିଂଚନ କରନ୍ତୁ । ପିଆଜ ଗଛର ପତ୍ର ଅଧିକ ଚିକ୍କଣ ହୋଇଥିବାରୁ ଔଷଧ ସିଂଚନ କଲାପରେ ତଳ କୁ ଖସିଆସେ, ତେଣୁ କୀଟନାଶକ ସହ ଏକର ପ୍ରତି ୨୦୦ ମିଲି sticker କିମ୍ବା spreader, ମିଶାଇ ସିଂଚନ କରନ୍ତୁ । |
| ଆମ୍ବ | □ ଆମ୍ବ ଡାହାଣୀ ପୋକ ବର୍ତମାନ ସମୟରେ ଆମ୍ବ ଗଛରେ ଆମ୍ବ ଡାହାଣୀ ପୋକ ଲାଗିବାର ସମ୍ଭାବନା ରହିଛି । ଆମ୍ବ ଡାହାଣୀ ପୋକର ପରିଚାଳନା ପାଇଁ ଆମ୍ବ ଗଛରେ ବଉଳ ଆରମ୍ଭ ହେବା ସମୟରେ ପ୍ରତି ୧୫- ଲିଟର ପାଣି ରେ ୫-ମିଲି Imidacloprid ନାମକ କୀଟନାଶକ କିମ୍ବା ୩- ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୪-ଗ୍ରାମ Acetamiprid ନାମକ କୀଟନାଶକ ମିଶାଇ ସିଂଚନ କରନ୍ତୁ । କୀଟନାଶକ କୁ ବଉଳ ଆସିବା ପୂର୍ବ ରୁ ଥରେ ଏବଂ ଦୁଇ ସପ୍ତାହ ପରେ ଆଉଥରେ ସିଂଚନ କରନ୍ତୁ । ଏହା ଛଡା ଆମ୍ବ ବଗିଚା ର ଝଡା ପତ୍ର ସବୁ ସଂଗ୍ରହ କରି କୁହୁଡିଆ ବା ମେଘୁଆ ପାଗରେ ଆମ୍ବ ଗଛ ମୂଳରେ ଧୂଆଁ ଦେଲେ ଆମ୍ବ ଡାହାଣୀ ସଂଖ୍ୟା ଗଛରେ କମିଯାଏ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | □ ଗାଈଗୋରୁ ମାନଙ୍କୁ ଫାଟୁଆ ରୋଗ ନ ହେବା ପାଇଁ ପ୍ରତି ବର୍ଷ ଉଚିତ ସମୟରେ ଫାଟୁଆ ଟୀକାକରଣ କରନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଚିଚକ | □ କୁକୁଡା ଚିଆଁ ମାନଙ୍କୁ ଘୁମା ରୋଗ ନ ହେବା ପାଇଁ ୭ ଦିନିଆ ଚିଆଁ କୁ Lasota ନାମକ ଟୀକା ଓ ୧୩ ରୁ ୧୫ ଦିନିଆ ଚିଆଁ କୁ IBD ଟୀକାକରଣ କରନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| ନାହିଁ |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**